# 'ପ୍ରୋଜେକ୍ଟ ସକ୍ଷମ' ମାଧ୍ୟମରେ ପଶ୍ଚିମ ଓଡ଼ିଶାର ମହିଳା କୃଷି ଉଦ୍ୟୋଗୀଙ୍କୁ ଅଧିକ ସଶକ୍ତ କରୁଛି ଟିପିଡବ୍ଲୁଓଡିଏଲ୍

*ସୁନ୍ଦରଗଡ଼ର ସରିତା ବାରାଙ୍କ ସଫଳତା କାହାଣୀ; ମହିଳା କୃଷି ଉଦ୍ୟୋଗୀଙ୍କ ମାଧ୍ୟମରେ ସୁଦୃଢ଼ ହେଉଛି ଗ୍ରାମୀଣ ଅର୍ଥନୀତି*

ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଅନ୍ତର୍ଗତ ଡମ୍ପୋଷ ଗ୍ରାମର ସରିତା ବାରାଙ୍କ ନର୍ସରୀରୁ ପ୍ରତ୍ୟେକ ଋତୁରେ ଶହ ଶହ ପନିପରିବା ଚାରା ପଶ୍ଚିମ ଓଡ଼ିଶାର ବିଭିନ୍ନ ଅଞ୍ଚଳର ଚାଷୀଙ୍କ ପାଖକୁ ପହଞ୍ଚୁଅଛି । ପ୍ରତ୍ୟେକ ଚାରା ପଛରେ ରହିଛି ଜଣେ ଆଦିବାସୀ ମହିଳାଙ୍କ ସଂଘର୍ଷ, ଆତ୍ମବିଶ୍ୱାସ ଓ ସଫଳତାର ପ୍ରେରଣାଦାୟୀ କାହାଣୀ ।

ଆଜି ସରିତା ବାରା ସୁନ୍ଦରଗଡ଼ର ଅଗ୍ରଣୀ ମହିଳା କୃଷି ଉଦ୍ୟୋଗୀ ଭାବେ ପରିଚିତ । ଚଳିତ ବର୍ଷ ସେ ଜିଲ୍ଲାର ଶ୍ରେଷ୍ଠ ମହିଳା ଉଦ୍ୟାନ କୃଷକ ଭାବେ ସମ୍ମାନଜନକ **'ସମ୍ମାନ' ପୁରସ୍କାର** ପାଇଛନ୍ତି । ଜନଜାତି ବ୍ୟାପାର ମନ୍ତ୍ରଣାଳୟର ମାନ୍ୟବର ମନ୍ତ୍ରୀ ଓ ଜିଲ୍ଲା ପ୍ରଶାସନଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ଏହି ସମ୍ମାନ ତାଙ୍କ ଉଦ୍ୟୋଗୀ ମନୋଭାବ ଏବଂ ସ୍ଥାୟୀ କୃଷି ପ୍ରତି ଅବଦାନର ସ୍ୱୀକୃତି ।

ପଶ୍ଚିମ ଓଡ଼ିଶାର ଗ୍ରାମୀଣ ଅର୍ଥନୀତିର ମୁଖ୍ୟ ଆଧାର ହେଉଛି କୃଷି । ତଥାପି ଗୁଣାତ୍ମକ ଚାରା, ଆଧୁନିକ କୃଷି ପରାମର୍ଶ ଓ ସମୟୋପଯୋଗୀ କୃଷି ସେବା ପାଇବାରେ ଅନେକ ଚାଷୀ ଏବେ ମଧ୍ୟ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏହି ଆବଶ୍ୟକତାକୁ ଦୃଷ୍ଟିରେ ରଖି **ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲୁଓଡିଏଲ୍)** ପକ୍ଷରୁ ପ୍ରମୁଖ ସିଏସଆର୍ ପଦକ୍ଷେପ ***'ଅନୋଖା ଧାଗା'*** ଅଧୀନରେ ଏବଂ ଏହାର ଏନଜିଓ ସହଯୋଗୀ **'ପ୍ରଦାନ'**ର ସହଯୋଗରେ **'ପ୍ରୋଜେକ୍ଟ ସକ୍ଷମ'** କାର୍ଯ୍ୟକ୍ରମ ଆରମ୍ଭ କରିଛି । ଏହି ପଦକ୍ଷେପ ମାଧ୍ୟମରେ ମହିଳା କୃଷି ଉଦ୍ୟୋଗୀଙ୍କୁ ଚିହ୍ନଟ କରି ପ୍ରଶିକ୍ଷଣ, ମାର୍ଗଦର୍ଶନ ଓ ବଜାର ସଂଯୋଗ ଯୋଗାଇ ଗ୍ରାମାଞ୍ଚଳରେ କୃଷି ସେବାକୁ ଅଧିକ ସୁଲଭ କରାଯାଉଛି ।

ସରିତା ବାରା ଏହି କାର୍ଯ୍ୟକ୍ରମରେ ମନୋନୀତ ହୋଇଥିବା ମହିଳାଙ୍କ ମଧ୍ୟରୁ ଜଣେ ।

ନର୍ସରୀ ପରିଚାଳନା, ଉଦ୍ୟୋଗ ବିକାଶ ଓ ବଜାର ସଂଯୋଗ ସମ୍ବନ୍ଧୀୟ ପ୍ରଶିକ୍ଷଣ ପାଇବା ପରେ ସେ ଏକ **ମୃତ୍ତିକାବିହୀନ (Soilless) ନର୍ସରୀ** ସ୍ଥାପନ କରିଛନ୍ତି । କୋକୋପିଟ୍ ଓ ଭର୍ମିକମ୍ପୋଷ୍ଟ ବ୍ୟବହାର କରି ପ୍ରସ୍ତୁତ ହେଉଥିବା ଏହି ଚାରାଗୁଡ଼ିକ ଅଧିକ ସୁସ୍ଥ, ମଜବୁତ ମୂଳଯୁକ୍ତ ଏବଂ ଉଚ୍ଚ ଜୀବନ୍ତତା ହାର ବିଶିଷ୍ଟ ହୋଇଥିବାରୁ ଚାଷୀମାନେ ଅଧିକ ଉତ୍ପାଦନ ପାଇବାରେ ସକ୍ଷମ ହେଉଛନ୍ତି ।

ଏହି ନର୍ସରୀ ସରିତାଙ୍କ ଜୀବନରେ ମଧ୍ୟ ଆର୍ଥିକ ପରିବର୍ତ୍ତନ ଆଣିଛି । ସମୟୋପଯୋଗୀ ଭାବେ ଗୁଣାତ୍ମକ ଚାରା ଯୋଗାଇ ସେ ବର୍ଷକୁ ପ୍ରାୟ **୭୦ ହଜାର ଟଙ୍କା** ଅତିରିକ୍ତ ଆୟ କରୁଛନ୍ତି । ସେହିପରି ପାରମ୍ପରିକ ଏକଫସଲି ଚାଷରୁ ବାହାରି ଅଧିକ ଲାଭଦାୟକ ପନିପରିବା ଚାଷ ଆପଣାଇବାରେ ସ୍ଥାନୀୟ ଚାଷୀଙ୍କୁ ସହଯୋଗ କରୁଛନ୍ତି । ବୈଜ୍ଞାନିକ ନର୍ସରୀ ପରିଚାଳନା ଯୋଗୁଁ ଫସଲ ଉତ୍ପାଦନରେ ମଧ୍ୟ **୧୦ରୁ ୧୨ ପ୍ରତିଶତ** ବୃଦ୍ଧି ଦେଖାଦେଇଛି ।

**ସରିତା ବାରା କୁହନ୍ତି ଯେ**, "ପୂର୍ବରୁ କେବଳ କୃଷି ପରିବାରର ଜୀବିକାର ମାଧ୍ୟମ ଥିଲା । **'ପ୍ରୋଜେକ୍ଟ ସକ୍ଷମ'** ସହ ଯୋଡ଼ି ହେବା ପରେ ବୁଝିଲି, କୃଷି ମାଧ୍ୟମରେ ଆତ୍ମନିର୍ଭରଶୀଳତା ଓ ଉଦ୍ୟୋଗୀ ହେବାର ସୁଯୋଗ ମଧ୍ୟ ସୃଷ୍ଟି ହୋଇପାରେ । ଆଜି ଗୁଣାତ୍ମକ ଚାରା ଯୋଗାଇ ଅନ୍ୟ ଚାଷୀଙ୍କ ଉତ୍ପାଦନ ବଢ଼ାଇବା ସହ ଅନ୍ୟ ମହିଳାମାନଙ୍କୁ ଆତ୍ମବିଶ୍ୱାସୀ ହେବାକୁ ପ୍ରେରଣା ଦେଇ ପାରୁଥିବାରୁ ମୁଁ ଗର୍ବ ଅନୁଭବ କରୁଅଛି ।"

ସରିତାଙ୍କ ସଫଳତା କେବଳ ଏକ ବ୍ୟକ୍ତିଗତ କାହାଣୀ ନୁହେଁ; ବରଂ **'ପ୍ରୋଜେକ୍ଟ ସକ୍ଷମ'** ମାଧ୍ୟମରେ ଘଟୁଥିବା ଏକ ବୃହତ୍ ପରିବର୍ତ୍ତନର ପ୍ରତିଫଳନ । ଏହି ପଦକ୍ଷେପ ଅଧୀନରେ ସୁନ୍ଦରଗଡ଼ ଜିଲ୍ଲାରେ **ଚାରିଟି ମୃତ୍ତିକାବିହୀନ ନର୍ସରୀ** ଏବଂ **ପାଞ୍ଚଟି**

**ମଦର ଚିକ୍ ୟୁନିଟ୍** ସହିତ ମୋଟ **ନଅ ଜଣ ମହିଳା ଉଦ୍ୟୋଗୀଙ୍କୁ** ସ୍ୱାବଲମ୍ବୀ କରାଯାଇଛି । ଫଳସ୍ୱରୂପ ଗ୍ରାମାଞ୍ଚଳରେ ଏକ ବିକେନ୍ଦ୍ରୀକୃତ କୃଷି ସହାୟତା ବ୍ୟବସ୍ଥା ଗଢ଼ି ଉଠିଛି ।

ଏହି ପଦକ୍ଷେପ ଦ୍ୱାରା ପ୍ରାୟ **୪,୧୦୦ ଜଣ ମହିଳା ଚାଷୀ** ଉନ୍ନତମାନର ଚାରା, ଆଧୁନିକ କୃଷି ପରାମର୍ଶ ଓ ଜଳବାୟୁ-ଉପଯୋଗୀ କୃଷି ପଦ୍ଧତିର ସୁବିଧା ପାଇଛନ୍ତି । ଘରୋଇ କୁକୁଡ଼ା ପାଳନ କ୍ଷେତ୍ରରେ ହୋଇଥିବା ହସ୍ତକ୍ଷେପ ପରିବାରର ଆୟ ଓ ପୌଷ୍ଟିକ ସୁରକ୍ଷା ବୃଦ୍ଧି କରିଛି । ଗତ ଆର୍ଥିକ ବର୍ଷରେ **'ପ୍ରୋଜେକ୍ଟ ସକ୍ଷମ'** ସହ ଜଡ଼ିତ ମହିଳା ଉଦ୍ୟୋଗୀମାନେ ମିଳିତ ଭାବେ **୩.୫୭ ଲକ୍ଷ ଟଙ୍କାରୁ ଅଧିକ ଆୟ** କରିଥିବାବେଳେ, ଏହା ଗ୍ରାମୀଣ ଅର୍ଥନୈତିକ ଓ ସାମାଜିକ ବିକାଶରେ ମହିଳାଙ୍କ ନେତୃତ୍ୱର ପ୍ରଭାବକୁ ସ୍ପଷ୍ଟ କରିଛି ।

ଏ ସମ୍ପର୍କରେ ଟିପିଡବ୍ଲୁଓଡିଏଲ୍‌ର ମୁଖ୍ୟ ନିର୍ବାହୀ ଅଧିକାରୀ, ଶ୍ରୀ **ପ୍ରବୀଣ ବର୍ମା** କହିଛନ୍ତି, " **'ଅନୋଖା ଧାଗା'** ମାଧ୍ୟମରେ ଟିପିଡବ୍ଲୁଓଡିଏଲ୍ ସମୁଦାୟକୁ ଆତ୍ମନିର୍ଭରଶୀଳ କରି ସ୍ଥାୟୀ ଜୀବିକା ସୃଷ୍ଟି ପାଇଁ ପ୍ରତିବଦ୍ଧ ଅଟେ । **'ପ୍ରୋଜେକ୍ଟ ସକ୍ଷମ'** ପ୍ରମାଣ କରିଛି ଯେ, ମହିଳା ଉଦ୍ୟୋଗୀଙ୍କ ଶସକ୍ତ କରି ପାରିଲେ ସ୍ଥାନୀୟ କୃଷି ବ୍ୟବସ୍ଥା ଅଧିକ ସୁଦୃଢ଼ ହେବା ସହ ଦୀର୍ଘସ୍ଥାୟୀ ସାମାଜିକ ଓ ଆର୍ଥିକ ପରିବର୍ତ୍ତନ ସମ୍ଭବ। ସରିତାଙ୍କ ସଫଳତା ଏହାର ଏକ ପ୍ରେରଣାଦାୟକ ଉଦାହରଣ ।"

ଆଜି ସରିତାଙ୍କ ନର୍ସରୀ କେବଳ ଉନ୍ନତମାନର ପନିପରିବା ଚାରା ଉତ୍ପାଦନ କରୁନାହିଁ; ବରଂ ଏହା ଆତ୍ମବିଶ୍ୱାସ, ଉଦ୍ୟୋଗୀ ମନୋଭାବ ଓ ନୂଆ ଆଶାର ବୀଜ ମଧ୍ୟ ବୁଣୁଛି । **'ପ୍ରୋଜେକ୍ଟ ସକ୍ଷମ'** ପରି ପଦକ୍ଷେପ ମାଧ୍ୟମରେ ଟିପିଡବ୍ଲୁଓଡିଏଲ୍ ପଶ୍ଚିମ ଓଡ଼ିଶାରେ ମହିଳା ସଶକ୍ତିକରଣ, ଗ୍ରାମୀଣ ଜୀବିକାର ବିକାଶ ଏବଂ ସ୍ୱାବଲମ୍ବୀ ସମୁଦାୟ ଗଠନ ଦିଗରେ ନିରନ୍ତର କାର୍ଯ୍ୟ କରିଆସୁଛି ।

**ଟିପିଡବ୍ଲୁଓଡିଏଲ୍ ସମ୍ବନ୍ଧରେ:** ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ ହେଉଛି ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ମଧ୍ୟରେ ଏକ ଯୌଥ ଉଦ୍ୟୋଗ, ଯେଉଁଥିରେ ଉଭୟଙ୍କ ଅଂଶଧନ ଯଥାକ୍ରମେ ୫୧:୪୯ ଅଟେ । ଟିପିଡବ୍ଲୁଓଡିଏଲ୍ ସମଗ୍ର ପଶ୍ଚିମ ଓଡ଼ିଶାରେ ବିଦ୍ୟୁତ ବିତରଣ ଏବଂ ଖୁଚୁରା ଯୋଗାଣ ଦାୟିତ୍ୱରେ ୯ଟି ଜିଲ୍ଲା ଏବଂ ପ୍ରାୟ ୪୮,୦୦୦ ବର୍ଗ କିଲୋମିଟର ବିତରଣ କ୍ଷେତ୍ରରେ ୨୧ ଲକ୍ଷରୁ ଅଧିକ ଗ୍ରାହକଙ୍କୁ ସେବା ପ୍ରଦାନ କରୁଅଛି । କମ୍ପାନୀ ନିର୍ଭରଯୋଗ୍ୟ, ସୁରକ୍ଷିତ ଏବଂ ଗ୍ରାହକ-କେନ୍ଦ୍ରିକ ବିଦ୍ୟୁତ ସେବା ପ୍ରଦାନ ସହିତ ବିଦ୍ୟୁତ ଭିତ୍ତିଭୂମିର ଆଧୁନିକୀକରଣ, କାର୍ଯ୍ୟକ୍ଷେତ୍ରରେ ଉତ୍କର୍ଷତା, ଡିଜିଟାଲ ରୂପାନ୍ତରଣ, ସ୍ଥାୟୀ ବିକାଶ ଏବଂ ସମ୍ପ୍ରଦାୟ ବିକାଶ ପଦକ୍ଷେପକୁ ଆଗେଇ ନେବା ପାଇଁ ପ୍ରତିବଦ୍ଧ ଅଟେ । ଭିତ୍ତିଭୂମି, ପ୍ରଯୁକ୍ତିବିଦ୍ୟା ଏବଂ ଗ୍ରାହକ ସେବାରେ ନିରନ୍ତର ନିବେଶ ମାଧ୍ୟମରେ, ଟିପିଡବ୍ଲୁଓଡିଏଲ୍ ପଶ୍ଚିମ ଓଡ଼ିଶାର ସାମାଜିକ-ଆର୍ଥିକ ଅଭିବୃଦ୍ଧିକୁ ସମର୍ଥନ କରିବା ସହିତ ଏହି ଅଞ୍ଚଳର ଶକ୍ତି ରୂପାନ୍ତରଣ ଯାତ୍ରାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବାକୁ ଲକ୍ଷ୍ୟ ରଖିଛି ।


| **ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ:** | |
|---|---|
| ରୁଚି ପାଣିଗ୍ରାହୀ<br>କର୍ପୋରେଟ୍ ଯୋଗାଯୋଗ ମୁଖ୍ୟ, ଟିପିଡବ୍ଲୁଓଡିଏଲ୍, କର୍ପୋରେଟ୍ କାର୍ଯ୍ୟାଳୟ, ବୁର୍ଲା<br>**ଇମେଲ୍:**<br>ruchi.panigrahi@tpwesternodisha.com | ପ୍ରବୀର ଶତପଥି<br>ଜନସମ୍ପର୍କ ଅଧିକାରୀ, କର୍ପୋରେଟ୍ ଯୋଗାଯୋଗ, ଟିପିଡବ୍ଲୁଓଡିଏଲ୍, କର୍ପୋରେଟ୍ କାର୍ଯ୍ୟାଳୟ, ବୁର୍ଲା<br>**ମୋବାଇଲ୍: -** ୯୯୩୭୩୩୦୩୦୩<br>**ଇମେଲ୍:** prabir.satapathy@tpwesternodisha.com |